ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

- Entertainment
- Subscriptions
- Advertisements

## ‘ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ’

ରାଉରକେଲା (ନି.ପ୍ର.)- ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ଦାବିରେ ଓଡ଼ିଶାର ସାଂସଦମାନେ ଏବଂ ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଯୋଗୁଁ ‘ଆଗାମୀ ଓଡ଼ିଶା’ ସ୍ୱାଗତ କରୁଛି । ଓଡ଼ିଶାରେ ଏହି ପ୍ରତିଷ୍ଠାନ ପ୍ରତିଷ୍ଠା ହେବା ପାଇଁ ଆଗାମୀ ଓଡ଼ିଶା ଆହ୍ୱାନରେ ଛାତ୍ର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଚାଲୁ ରହିଥିବା ଲଗାତର ଆନ୍ଦୋଳନ ଫଳରେ ଉଭୟ ଶାସକ ଓ ବିରୋଧୀ ଦଳ ଏହି ଦାବିକୁ ନେଇ ତତ୍ପର ହେବା ଏବଂ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ସପକ୍ଷରେ ଯୁକ୍ତି କରିବା, ଓଡ଼ିଶା ପାଇଁ ଏକ ଶୁଭ ଲକ୍ଷଣ । ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ଅତୀତରେ କେନ୍ଦ୍ରଠାରୁ ଅନେକ ପ୍ରତିଶ୍ରୁତି ପାଇଛି । ମାତ୍ର ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଛି । ଏହାର ବଳିଷ୍ଠ ଉଦାହରଣ ହେଲା ଏମ୍ସ ଓ ପାରାଦୀପ ତୈଳ ବିଶୋଧନାଗାର । ଦୁଇଟି ଯାକ କ୍ଷେତ୍ରରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଦ୍ୱାରା ଉଦ୍‌ଘାଟିତ ହୋଇଥିଲେ ହେଁ ଏହାର ଅବସ୍ଥା କ’ଣ ତାହା ଓଡ଼ିଶାବାସୀ ଜାଣନ୍ତି । ତେବେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଓଡ଼ିଶାରେ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଜନଆନ୍ଦୋଳନ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବା ଆବଶ୍ୟକ । ଓଡ଼ିଶାର ବୁଦ୍ଧିଜୀବୀ, ଛାତ୍ର ତଥା ବିଭିନ୍ନ ବର୍ଗର ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହେବାକୁ ‘ଆଗାମୀ ଓଡ଼ିଶା’ ତରଫରୁ ସନ୍ତୋଷ ତ୍ରିପାଠୀ, ଲଳିତ ପଟ୍ଟନାୟକ, ସୁପ୍ରୀତି ମିଶ୍ର, ଗଦାଧର ପ୍ରଧାନ, ସୁଦର୍ଶନ ଦାସ, ନିରାକାର ବେହୁରା ପ୍ରମୁଖ ନିବେଦନ କରିଛନ୍ତି ।





Ph







The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)